**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ତା.୨୭.୦୨.୨୦୧୩**

**୧୨ ଭି.ଭି.ଆଇ.ପି ଚପ୍ପର ହେଲିକ୍ୟାପ୍ଟରର ଅଗଷ୍ଟାୱେଷ୍ଟଲ୍ୟାଣ୍ଡଠାରୁ କ୍ରୟ କରିବା ନେଇ ରାଜ୍ୟସଭାରେ ଆଲୋଚନା ସମୟରେ ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କର କିଛି ମୁଖ୍ୟବିନ୍ଦୁ ।**

-ଉକ୍ତ ଭ୍ରଷ୍ଟାଚାରରେ ଇଟାଲୀର ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ କମ୍ପାନୀଠାରୁ ୩୫୪୬ କୋଟି ଟଙ୍କା ମୂଲ୍ୟର ୧୨ ଭି.ଭି.ଆଇ.ପି ଚପ୍ପର ହେଲିକ୍ୟାପ୍ଟରର କ୍ରୟରେ ୪୦୦ ରୁ ୬୦୦ କୋଟି ଟଙ୍କା ଲାଞ୍ଚ ବା କମିଶନ ନେବା କଥା କୁହାଯାଇଛି । ଯେଉଁ ଡ଼ିଲ ୨୦୧୦ ମସିହା ଫେବୃଆରୀ ମାସରେ ହୋଇଥିଲା ।

-ଉକ୍ତ ଦୁର୍ନୀତି ବରଗୋଜିନି ନାମକ ଜନୈକ ହ୍ୱିସିଲ ବ୍ଲୋୟର, ଯେ କି ଫନମେକାନିକା କମ୍ପାନୀର ଜଣେ କର୍ମଚାରୀ । ସେ ଏକ ୫୬୮ ପୃଷ୍ଠା ସମ୍ବଳିତ ମତାମତ ଇଟାଲୀର ତଦନ୍ତକାରୀ ସଂସ୍ଥା ପାଖକୁ ଦେଇଥିଲେ ।

-ଇଟାଲୀର ତଦନ୍ତକାରୀ ସଂସ୍ଥା ତାହା ପରଠାରୁ ତଦନ୍ତ ଆରମ୍ଭ କରି ଟେପିଂକୁ ଅନୁସରଣ କରି ବିରାଟ ପ୍ରମାଣ ସବୁ ପାଇଛନ୍ତି ।

- ଉକ୍ତ ପ୍ରକ୍ରିୟାରେ ସାମିଲ ଥିବା ଦୁଇ ଜଣ ମଧ୍ୟସ୍ଥି ହାଶ୍ଚକେ ଓ ଗେରୋସା ଦିହେଁ ୧୦୦ ରୁ ୧୨୫ କୋଟି ଟଙ୍କା ଆତ୍ମସାତ କରିବାର ଅଭିଯୋଗ ଥିବା ବେଳେ ଅନ୍ୟ ଏକ ମଧ୍ୟସ୍ଥି ଖ୍ରୀଷ୍ଟିଆନ ମାଇକେଲ ୨୪୦ କୋଟି ଟଙ୍କା କମିଶନ ନେଇଥିଲେ ଓ ସେଥିରୁ ସେ ନିଜ ପାଖରେ ୪୦ କୋଟି ରଖି ବାକି ୨୦୦ କୋଟି ଅନ୍ୟ ସହଯୋଗୀ ମାନଙ୍କୁ ଦେଇଥିଲେ ।

-ସେଠାରେ ଟଙ୍କା ଆତ୍ମସାତ କରିବା ଘଟଣା ଜଡ଼ିତ । ଯାହାକି ଭାରତରୁ ଲଣ୍ଡନ ପର୍ଯ୍ୟନ୍ତ ଟୁନିସିଆ ଓ ମରିସସ ମଧ୍ୟ ଦେଇ ବିଭିନ୍ନ କମ୍ପାନୀ ଆଇ.ଡ଼ି.ଏସ ଟୁନିସିଆ, ଆଇ.ଡ଼ି.ଏସ ଇଣ୍ଡିଆ ଓ ଏରୋମାଟ୍ରିକ୍ସ ଚଣ୍ଡିଗଡ଼ ଦେଇ ଯାଇଅଛି ।

-ବରଗୋଜିନି ଦେଇଥିବା ୫୬୮ ପୃଷ୍ଠା ସମ୍ବଳିତ ମତାମତରେ ପୂରା ଡ଼ିଲଟି କିପରି ହୋଇଛି ତାହା ବିଷୟରେ ବାଖ୍ୟା କରାଯାଇଛି ।

-ଅଡ଼ିଓ ଟେପର ଉପସ୍ଥାପନା ଦ୍ୱାରା କିପରି ମଧ୍ୟସ୍ଥିମାନେ ସାମିଲ ହୋଇଥିଲେ, ସମସ୍ତ ପ୍ରମାଣକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ ତାହା ଗତ ବର୍ଷ ଜନତାଙ୍କ ସମ୍ମୁଖକୁ ଆସିଥିଲେ ମଧ୍ୟ ଉ.ପା ସରକାର ସେଥିନେଇ କୌଣସି କାର୍ଯ୍ୟ ପନ୍ଥା ଗ୍ରହଣ କରିବାକୁ ବିଫଳ ହୋଇଥିଲେ ।

- ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହିକି ଇଟାଲୀ ଅର୍ଥାତ ଯେଉଁ ଦେଶ ଉକ୍ତ ଡ଼ିଲରୁ ଲାଭାନ୍ୱିତ ହୋଇଅଛି ତଥାପି ସେ ତଦନ୍ତ ଆରମ୍ଭ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଦଣ୍ଡ ଦେଇଥିବା ବେଳେ ବିରାଟ କ୍ଷତି ସହ୍ୟ କରିଥିବା ଭାରତ ଏପର୍ଯ୍ୟନ୍ତ ତଦନ୍ତ ମଧ୍ୟ ଆରମ୍ଭ କରି ନାହିଁ ।

-ଯଦିଓ ଏକ ବର୍ଷ ତଳେ କିଛି ଇଟାଲୀ ଓ ଭାରତୀୟ ସମ୍ବାଦ ପତ୍ର ଉକ୍ତ ଦାମୀ ଡ଼ିଲ ଉପରେ ଗୁରୁତ୍ୱ ଆରୋପ କରିଥିଲା । ମାତ୍ର ଗତ ବର୍ଷ ଉକ୍ତ ଡ଼ିଲରେ ଲଞ୍ଚ ନେବା ଘଟଣା ଜନତାଙ୍କ ସମ୍ମୁଖକୁ ଆସିଥିଲା । ଏପରିକି ଇଟାଲୀର ତଦନ୍ତ ପରେ ସେଥିରେ ଜଡ଼ିତ ଭାରତୀୟଙ୍କ ନାମ ମଧ୍ୟ ପଦାକୁ ଆସିଥିଲା । ତେବେ ଭାରତ କାହିଁକି ତାହାର ଉପଯୁକ୍ତ ତଦନ୍ତ କଲା ନାହିଁ ?

-ଅଡ଼ିଓ ଟେପରୁ ଆହୁରି ମଧ୍ୟ ଜଣା ପଡ଼େ କି, ଦୋଷୀମାନେ କଅଣ ସବୁ ଆଲୋଚନା କରୁଛନ୍ତି ଓ କିପରି ସେମାନେ ଭାରତୀୟ ଅଦାଲତର ସମସ୍ୟାକୁ ତୁଲାଇବେ ଓ କିପରି ସେମାନେ ହାର୍ଡ଼ ଡ଼ିସରେ ଥିବା ସମସ୍ତ ପ୍ରମାଣକୁ ନଷ୍ଟ କଲେ ତାହା କହୁଛନ୍ତି ।

-ଉକ୍ତ ଡ଼ିଲର ଜନୈକ ମଧ୍ୟସ୍ଥି ଖ୍ରୀଷ୍ଟିଆନ ମାଇକେଲ, ଯାହାଙ୍କ ପିତା ମଧ୍ୟ ଏକ ପ୍ରତିରକ୍ଷା ଡ଼ିଲର । ଏହିଭଳି ଏକ ଘଟଣା ୧୯୮୬ ମସିହାରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସମୟରେ ହୋଇଥିଲା । ସେତେବେଳେ ବ୍ରିଟିଶ ପ୍ରଧାନ ମନ୍ତ୍ରୀ ମାର୍ଗାରେଟ ଥ୍ୟାଚର ଭାରତକୁ ଆସିଥିଲେ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଏ.ଡ଼ବଲ୍ୟୁ ୩୦ ଚପ୍ପରକୁ ଅଗଷ୍ଟା ୱେଷ୍ଟଲ୍ୟାଣ୍ଡଠାରୁ କ୍ରୟ କରିଥିଲେ । ମୁଁ

ଜାଣି ପାରେ ନାହିଁ ସମସ୍ତଙ୍କ ବିରୋଧ ସତ୍ତ୍ୱେ, ଉପଦେଷ୍ଟା ମଣ୍ଡଳିର ବିରୋଧ ସତ୍ତ୍ୱେ ମଧ୍ୟ କିପରି ଉକ୍ତ ଡ଼ିଲ ଧାର୍ଯ୍ୟ କରାଯାଇଥିଲା । ତାହା ପରେ ୬୨ ମିଲିୟନର ପାଉଣ୍ଡର ଡ଼ିଲ ବିପର୍ଯ୍ୟୟ ଗ୍ରସ୍ତ ହୋଇଥିଲା । ଏକ ହେଲିକ୍ୟାପ୍ଟର ଦୁର୍ଘଟଣାରେ ୧୯ ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ହେତୁ ୧୯୯୧ ମସିହାରେ ଏହାକୁ ମାତ୍ର ୯ ମିଲିୟନ ପାଉଣ୍ଡରେ ବିକ୍ରୟ କରାଯାଇଥିଲା । ଯାହାକି ଏକ ବିରାଟ ଦୁର୍ନୀତି ।

-୧୨ ଭି.ଭି.ଆଇ.ପି  ଏ.ଡବଲ୍ୟୁ ୧୦୧ ଚପ୍ପର ବିରୋଧରେ ୨୦୧୨ ମସିହା ଜୁଲାଇ ମାସରେ ଏକ କେଶ ଫାଇଲ କରାଯାଇଥିଲା । ମାତ୍ର ସରକାର ତାହାର ତଦନ୍ତ କରିବା ପାଇଁ ଚିନ୍ତା ମଧ୍ୟ କରୁନାହାନ୍ତି । ସେଥିରେ ଦୁଇଟି ସ୍ଥାନରେ ଯେଉଁ ଫ୍ୟାମିଲି କଥା ଲେଖା ଯାଇଛି ତାହା କେଉଁ ଫ୍ୟାମିଲି ? କଂଗ୍ରେସର କିଛି ଲୋକ କୁହନ୍ତି ତାହା ତ୍ୟାଗୀ ଫ୍ୟାମିଲି ଅଟେ । ମାତ୍ର ଉକ୍ତ ତଥ୍ୟରେ ତ୍ୟାଗୀ ଫ୍ୟାମିଲି କଥା ଭିନ୍ନ ଭାବରେ ଉଲ୍ଲେଖ କରାଯାଇଛି । ତେଣୁ ଏହି ଫ୍ୟାମିଲି କିଏ ତାହାର ତଦନ୍ତ ନିହାତି ଆବଶ୍ୟକ ।

-ଡ଼ିସେମ୍ବର ୧୨. ୨୦୧୨ ରେ ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପ୍ରତିରକ୍ଷା ମନ୍ତ୍ରୀ ଇଟାଲୀରୁ ତଥ୍ୟ ଆସିବା ପାଇଁ ଅପେକ୍ଷା କରିଛନ୍ତି ଓ ତଥ୍ୟ ଅଭାବରୁ ତଦନ୍ତ ହୋଇ ପାରୁନାହିଁ ବୋଲି କହିଥିଲେ ।

-ଡ଼ିସେମ୍ବର ୧୪ .୨୦୧୨ ରେ ମୁଁ ପୁଣି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଏକ ପତ୍ର ମାଧ୍ୟମରେ ତଦନ୍ତ କରିବାକୁ କହିଥିଲି । କାରଣ ଗତ ଏକ ବର୍ଷ ଧରି ମିଡ଼ିଆ ସଂସ୍ଥା ଦ୍ୱାରା ଯେଉଁ ସବୁ ତଥ୍ୟ ଉଦ୍ଭାସିତ ହୋଇଅଛି ତାହାକୁ ଅଧାର କରି ତଦନ୍ତ କରାଯାଇ ପାରିବ ଓ ରାଜନୈତିକ ଇଚ୍ଛାଶକ୍ତି ବଳବତ୍ତର ହେଲେ ଉପାୟ ଆପେ ଆପେ ଆସିଥାଏ ବୋଲି କହିଥିଲି ।

-ଯେତେବେଳେ ଫିନମେନକାନିକା କମ୍ପାନୀର ସି.ଇ.ଓ ଙ୍କୁ ଗିରଫ କରାଯାଇଥିଲା ତାହାକୁ ଆଧାର କରି ସରକାର ଗୁପ୍ତରେ ତଦନ୍ତ କରୁଛନ୍ତି ବୋଲି ଗଳ୍ପ ଉପସ୍ଥାପନା କରିଥିଲେ । ତେବେ ବର୍ତ୍ତମାନ ପ୍ରତିରକ୍ଷା ମନ୍ତ୍ରୀ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ । କାହିଁକି ପାର୍ଲିଆମେଣ୍ଟରେ ମୋ ପ୍ରଶ୍ନ ପଚରାଯିବା ପରେ ସେ ଏହାର ଉତ୍ତରରେ ଗୁପ୍ତ ତଦନ୍ତ କଥା କହି ନଥିଲେ ? ତେବେ ସତରେ କଅଣ ଗୁପ୍ତରେ ତଦନ୍ତ ଚାଲୁଅଛି ? ଯଦି ଚାଲୁଥାଏ, ତେବେ ତାହା କିପରି ତଦନ୍ତ ? ତାହାକୁ କିଏ ପରିଚାଳନା କରୁଅଛି ? ଓ ଉକ୍ତ ତଦନ୍ତରୁ କଅଣ ଫଳ ପ୍ରାପ୍ତି ହେଲା ?

- ପ୍ରଥମତଃ ସି.ବି.ଆଇ ଉକ୍ତ ଘଟଣା ଉପରେ ଏକ ତଦନ୍ତ ଆରମ୍ଭ କରିପାରେ । ଏହା ଅନ୍ୟ କୌଣସି ନୂତନ ତଥ୍ୟ ପାଇଁ ପ୍ରତୀକ୍ଷା କରିବା ଅନୁଚିତ । ସରକାର କାହିଁକି ପ୍ରଥମରୁ ଏହି ତଦନ୍ତ ଆରମ୍ଭ କଲେ ନାହିଁ ତାଙ୍କୁ ତାହାର ପ୍ରତ୍ୟୁତ୍ତର ଦେବାକୁ ହେବ ।

-କଂଗ୍ରେସର  କିଛି କର୍ମୀମାନେ କୁହନ୍ତି କି, ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଆଣ୍ଟୋନୀଙ୍କ ସାଧୁତା ଉପରେ ସନ୍ଦେହ କରାଯାଇ ନପାରେ । ମାତ୍ର ଏହା ଜଣେ ବ୍ୟକ୍ତିଙ୍କ ସାଧୁତାର ପ୍ରଶ୍ନ ନୁହେଁ । ଏହା ଏକ ବିରାଟ ଭ୍ରଷ୍ଟାଚାରର ପ୍ରଶ୍ନ । ତେଣୁ ତାଙ୍କୁ ତାହାର ପ୍ରତ୍ୟୁତ୍ତର ନିଶ୍ଚୟ ଦେବାକୁ ହେବ ।

-ଯେତେବେଳେ ଫିନମେନକାନିକାର ଭାରତୀୟ ଅପରେସନ ମୁଖ୍ୟ ଗିରାସୋଲେଙ୍କ କଥା ସାମ୍ନାକୁ ଆସିଲା ସେ ଭାରତ ବାହାରକୁ ଚାଲିଗଲେ । ଠିକ ଯେପରି ବୋଫର୍ସ କେଶରେ କ୍ୱାର୍ଟଚୀ ଫେରାର ହୋଇ ବର୍ତ୍ତି ଯାଇଥିଲେ ।

-ଜନୈକ କଂଗ୍ରେସ ନେତା ମୋତେ କହିଥିଲେ କି, ଏଥିରେ ସମାଧାନ କରିବା ଭଳି କୌଣସି ରାଜନୈତିକ ଦୃଷ୍ଟିକୋଣ ନାହିଁ । ମୁଁ ତାଙ୍କୁ କହିଥିଲି କି, ତେବେ ଏହାକୁ ଆହୁରି ଗୁରୁତ୍ତର ଭାବେ ଚିନ୍ତା କରିବା ଆବଶ୍ୟକ  । କାରଣ ସରକାରଙ୍କ କିଛି କର୍ମଚାରୀ ତାହାର ଦୃଷ୍ଟି ଅନ୍ତୁଆଳରେ ଥାଇ ଲାଞ୍ଚ ଦିଆ ନିଆର ବ୍ୟାପାର କରୁଛନ୍ତି ।

- କଂଗ୍ରେସ ଯେ କୌଣସି ଭ୍ରଷ୍ଟାଚାରରେ ଧରା ପଡ଼ିବା ପରେ ସେହି ଗୋଟିଏ ପଦ୍ଧତି ଆପଣାଇଥାଏ । ପ୍ରଥମେ ଅସ୍ୱୀକାର କରିବ, ତାହାପରେ ଜାଣିଶୁଣି ବିଳମ୍ବତା ପ୍ରଦର୍ଶନ କରିବ, ତାହାପରେ ଅନ୍ୟ କାହା ଉପରେ ଦୋଷ ଲଦି ଦେବ । ବିଶେଷ କରି ନିଜ ସହଯୋଗୀ ଦଳ ଉପରେ ଟୁ-ଜି ସ୍କାମ ଭଳି ।

-ଆଜି କଂଗ୍ରେସ ଭ୍ରଷ୍ଟାଚାର କରିବାରେ ପଞ୍ଚମହାଭୂତର କେଉଁ ସ୍ଥାନକୁ ମଧ୍ୟ ବାଦ ଦେଇ ନାହିଁ । ଆକାଶର ଆଣ୍ଟ୍ରିକ୍ସ ଡ଼େଭାସ ଓ ଚପ୍ପର ଦୁର୍ନୀତି (ବ୍ୟୋମ), ମାଟି ଉପରେ (କ୍ଷୀତ) ବିଭିନ୍ନ ପ୍ରକାରର ପ୍ରତିରକ୍ଷା ଦୁର୍ନୀତି, ମାଟି ତଳେ କୋଇଲା ଦୁର୍ନୀତି (ତେଜ), ବାୟୁରେ ଟୁ-ଜି ସ୍ପେକ୍ଟ୍ରମ ର ଦୁର୍ନୀତି (ମରୁତ) ଓ ଜଳ କ୍ଷେତ୍ରରେ ଗଙ୍ଗା ଜମୁନାର ଜଳକୁ ଶିଳ୍ପାଞ୍ଚଳକୁ ଯୋଗାଇବା ଦୁର୍ନୀତି (ଆପ)ରେ ଜଡ଼ିତ ।

-ଆମେମାନେ ଏଥିପାଇଁ ମାନ୍ୟବର ସୁପ୍ରିମ କୋର୍ଟ ତରଫରୁ ଏକ ସ୍ୱତନ୍ତ୍ର ସି.ବି.ଆଇ ତଦନ୍ତ ଦାବି କରୁ । ଉକ୍ତ ଦୁର୍ନୀତିରେ ସଂପୃକ୍ତ ଭାରତୀୟଙ୍କୁ ଚିହ୍ନଟ କରିବା, କିଏ ଉକ୍ତ ଡ଼ିଲକୁ ପରିଚାଳନା କରିଛି ଓ କିଏ ଲାଞ୍ଚ ନେଇଛି ତାହା ଜାଣି ପ୍ରକୃତ ଦୋଷୀକୁ ଯେଉଁଠି ଥାଉ ଭାରତକୁ ଅଣାଇ ତାହାକୁ ଉପଯୁକ୍ତ ଦଣ୍ଡ ଦେବାକୁ ମଧ୍ୟ ଦାବି କରୁ ।